LEGISLATIVE ASSEMBLY LIBRARY
ORISSA

# ORISSA LEGISLATIVE ASSEMBLY

## DEBATES

**Vol. IV—No. 6**

**(Part II—Proceedings Other than Questions and Answers)**

*(The 28th February 1968 (Wednesday)*

Price—25 P. or 5d.] ( ମୂଲ୍ୟ—୨୫ ପଇସା )

## PRESENTATION OF THE BUDGET FOR 1968-69*

ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ (ମୁଖ୍ୟମନ୍ତ୍ରୀ) : ଅଧ୍ୟକ୍ଷ ମହାଶୟ, ଆଜି ମୁଁ ଓଡ଼ିଶା ସରକାରଙ୍କର ୧୯୬୮-୬୯ ଆର୍ଥିକ ବର୍ଷ ପାଇଁ ଆୟ ଓ ବ୍ୟୟର ଆଟକଳ ଉପସ୍ଥାପିତ କରିବାକୁ ଯାଉଛି ।

### ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସମ୍ପର୍କ

୧୯୬୭ ଜୁଲାଇ ମାସରେ ୧୯୬୭-୬୮ର ବଜେଟ ଉପସ୍ଥାପିତ କରିବାବେଳେ ମୁଁ, ପ୍ରଶାସନିକ ଓ ଆର୍ଥିକ ବ୍ୟାପାରରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ସମ୍ପର୍କର ପର୍ଯ୍ୟାଲୋଚନା କରିବା ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲି । ପରିବର୍ତ୍ତିତ ରାଜନୈତିକ ପରିସ୍ଥିତି ଯୋଗୁଁ ଏବଂ ରାଜ୍ୟର ସମ୍ବଳ ଓ ଦାୟିତ୍ୱ ତଥା ଆବଶ୍ୟକତା ମଧ୍ୟରେ ବ୍ୟବଧାନ ଅଧିକ ବଢ଼ି ଯାଉଥିବା ଦୃଷ୍ଟିରୁ ଏ ବିଷୟଟି ଗୁରୁତ୍ୱପୂର୍ଣ୍ଣ ହୋଇ ଉଠିଛି ।

ସମ୍ବଳ ବଣ୍ଟନ ପାଇଁ ପ୍ରଚଳିତ କାର୍ଯ୍ୟ ଧାରାରେ ପ୍ରଭୂତ ଉନ୍ନତି ସାଧନ କରିବା ଏବଂ ରାଜ୍ୟମାନଙ୍କୁ ଯେପରି ପୂର୍ବାପେକ୍ଷା ଅଧିକ ସମ୍ବଳ କେନ୍ଦ୍ରଠାରୁ ମିଳି ପାରିବ, ସେଥିଲାଗି ସମ୍ବିଧାନରେ ଆବଶ୍ୟକୀୟ ବ୍ୟବସ୍ଥା କରିବା ଦରକାର ହୋଇପଡ଼ିଛି । ସୁଷମ ଆଞ୍ଚଳିକ ବିକାଶପାଇଁ ଯେଉଁ ଲକ୍ଷ୍ୟ ରଖା ଯାଇଥିଲା, ପ୍ରଚଳିତ ପଦ୍ଧତିରେ ତାହା ହାସଲ କରିବା ସମ୍ଭବପର ହୋଇ ନାହିଁ ଏବଂ ଗତ ତିନୋଟିଯାକ ଯୋଜନାରେ ଏ ବ୍ୟବଧାନ ବରଂ ବୃଦ୍ଧି ପାଇଛି, ଯାହା ଫଳରେ କି ଧନଶାଳୀ ରାଜ୍ୟମାନେ ଅଧିକ ଧନୀ ହୋଇ ଉଠିଛନ୍ତି ଓ ଦରିଦ୍ର ରାଜ୍ୟମାନେ ବହୁତ ପଛରେ ପଡ଼ି ରହିଛନ୍ତି । କେବଳ ରାଜ୍ୟ ଭିତରେ କର ଓ ଶୁଳ୍କର ଅଂଶ ବଣ୍ଟନପାଇଁ ଗୋଟିଏ ସୂତ୍ର ବାହାର କରିବାକୁ ଗଲାବେଳେ ଯଦି ରାଜ୍ୟମାନଙ୍କ ମଧ୍ୟରେ ରହିଥିବା ଆପେକ୍ଷିକ ଆର୍ଥିକ ଅସ୍ୱଚ୍ଛଳତା, ରାଜ୍ୟ ଅଧିବାସୀମାନଙ୍କର ସାମାଜିକ ଓ ଆର୍ଥନୀତିକ ଅନଗ୍ରସରତା ଓ ମୁଣ୍ଡପିଛା ଆୟ ବା ମୁଣ୍ଡପିଛା ଖର୍ଚ୍ଚର ସ୍ତର ବିଚାରକୁ ନିଆ ନଯାଏ ତାହାହେଲେ ଏହି ଅବସ୍ଥାର ପ୍ରତିକାର କରାଯାଇ ପାରିବ ନାହିଁ । ରାଜ୍ୟ ଯୋଜନାଗୁଡ଼ିକର ପ୍ରତ୍ୟେକ ଟିକିନିଖି ବିଷୟକୁ ପ୍ରଭାବିତ କରୁଥିବା

---

* For English version of the Address *see* Appendix

ଗୋଟିଏ କେନ୍ଦ୍ରୀୟ ଯୋଜନାକାରୀ କର୍ତ୍ତୃପକ୍ଷଙ୍କଠାରେ ସମସ୍ତ ନିୟନ୍ତ୍ରଣ କ୍ଷମତା କେନ୍ଦ୍ରୀଭୂତ କରିବାର ଯେଉଁ ମନୋବୃତ୍ତି ଦେଖାଦେଇଛି, ତାହା ଫଳରେ ରାଜ୍ୟ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଗଲାବେଳେ ସେଥିରେ କୌଣସି ଅଦଳବଦଳ କରିବା ସମ୍ଭବ ହେଉନାହିଁ । ସମ୍ବିଧାନରେ ଅବଶ୍ୟ ଏକଥା କଳ୍ପନା କରାଯାଇ ନଥିଲା ।

ପ୍ରଶାସନିକ ସଂସ୍କାର କମିଶନ, "କେନ୍ଦ୍ର-ରାଜ୍ୟ ସମ୍ପର୍କ" ବିଷୟରେ ଅନୁଶୀଳନ କରିବାପାଇଁ ଗୋଟିଏ ଅଧ୍ୟୟନକାରୀଦଳ ଗଠନ କରିଛନ୍ତି । ୧୯୬୭ ଡିସେମ୍ବର ମାସରେ ଜାତୀୟ ଉନ୍ନୟନ ପରିଷଦର ଯେଉଁ ଅଧିବେଶନ ହୋଇଥିଲା, ସେଥିରେ ପରିବର୍ତ୍ତିତ ରାଜନୈତିକ ପରିସ୍ଥିତି ପ୍ରସଙ୍ଗରେ କେନ୍ଦ୍ର-ରାଜ୍ୟ ସମ୍ପର୍କ ସମ୍ବନ୍ଧୀୟ କେତେକ ବିଷୟ ମଧ୍ୟ ଉତ୍ଥାପନ କରାଯାଇଥିଲା । ମୋର ଆଶା, ପ୍ରଶାସନିକ ସଂସ୍କାର କମିଶନ ଅଳ୍ପ କେତେଦିନ ମଧ୍ୟରେ ସେମାନଙ୍କ ରିପୋର୍ଟ ଦାଖଲ କରିବେ ଏବଂ ଏହାଫଳରେ କେନ୍ଦ୍ର-ରାଜ୍ୟ ସମ୍ପର୍କ ଏକ ବାସ୍ତବତର ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇପାରିବ ।

## ଅର୍ଥନୈତିକ ପରିସ୍ଥିତି

୧୯୬୪-୬୫ ମସିହାରେ ମୁଖ୍ୟତଃ ଅଧିକ କୃଷି ଉତ୍ପାଦନ ହେତୁ ଜାତୀୟ ଅର୍ଥନୀତି ସର୍ବୋଚ୍ଚ ସୀମାରେ ଉପନୀତ ହୋଇଥିଲା ବୋଲି ସମସ୍ତେ ଭଲ ଭାବରେ ଜାଣନ୍ତି । ଜାତୀୟ ଉତ୍ପନ୍ନ ଦ୍ରବ୍ୟ ବିଷୟକ ଅଟକଳର ସଂଶୋଧିତ ପର୍ଯ୍ୟାୟ ଅନୁଯାୟୀ ସେହି ବର୍ଷ ଜାତୀୟ ଆୟର ପରିମାଣ (୧୯୬୦-୬୧ ମୂଲ୍ୟ ଭିତ୍ତିରେ) ୧,୬୨,୧୯ କୋଟି ଟଙ୍କା ଏବଂ ମୁଣ୍ଡପିଛା ଆୟର ପରିମାଣ ଟ ୩୩୯·୨ ହୋଇଥିଲା । ଏହାର ପରବର୍ତ୍ତୀ ବର୍ଷ ଅର୍ଥାତ ୧୯୬୫-୬୬ ମସିହାରେ ଅନେକ କାରଣରୁ ସର୍ବମୋଟ ଜାତୀୟ ଉତ୍ପନ୍ନ ଦ୍ରବ୍ୟ ଏବଂ ମୁଣ୍ଡପିଛା ଆୟ—ଏହି ଉଭୟ ଦିଗରେ ଦ୍ରୁତ ହ୍ରାସ ପରିଲକ୍ଷିତ ହୋଇଥିଲା । ଏହି ସବୁ କାରଣ ଭିତରେ ମରୁଡ଼ି, ଶିଳ୍ପ ଉତ୍ପାଦନରେ ପଶ୍ଚାଦ୍‌ଗତି, ବୈଦେଶିକ ବାଣିଜ୍ୟରେ ପ୍ରତିକୂଳ ଦେଣନେଣ ପରିସ୍ଥିତି, ଅସ୍ୱାଭାବିକ ମୂଲ୍ୟବୃଦ୍ଧି ଓ ପ୍ରତିରକ୍ଷା ଉଦ୍ଦେଶ୍ୟରେ ଅଧିକତର ବ୍ୟୟ ଉଲ୍ଲେଖ ଯୋଗ୍ୟ । ହିସାବକରି ଦେଖାଯାଇଛି ଯେ ସେହି ବର୍ଷ ମଧ୍ୟରେ ଜାତୀୟ ଆୟ ଶତକଡ଼ା ୪·୮ ଭାଗ ଓ ମୁଣ୍ଡପିଛା ଆୟ ଶତକଡ଼ା ୬·୯ ଭାଗ ହ୍ରାସପାଇ ଜାତୀୟ ଆୟ ଓ ମୁଣ୍ଡପିଛା ଆୟର ପରିମାଣ ଯଥାକ୍ରମେ ୧,୫୪,୪୧ କୋଟି ଟଙ୍କା ଓ ୩୧୫·୩ ଟଙ୍କା ହୋଇଥିଲା । ତା' ପରବର୍ତ୍ତୀ ବର୍ଷ ଅର୍ଥାତ୍ ୧୯୬୬-୬୭ ମସିହାରେ ଏ ଅବସ୍ଥା ସୁଧୁରି ନ ଥିଲା । ପ୍ରାରମ୍ଭିକ ଅଟକଳରୁ ଦେଖାଯାଏ ଯେ ଗତବର୍ଷ ମୋଟ ଜାତୀୟ ଆୟର ପରିମାଣ ୧,୫୬,୦୬ କୋଟି ଟଙ୍କା ଏବଂ ମୁଣ୍ଡପିଛା ଆୟ ୩୧୩·୧ ଟଙ୍କା (୧୯୬୦-୬୧ ମୂଲ୍ୟ ଭିତ୍ତିରେ) ହୋଇଥିଲା । ୧୯୬୫-୬୬ ମସିହାରେ ଯେଉଁସବୁ କାରଣରୁ ଆର୍ଥିକ ଅବସ୍ଥାରେ ଅବନତି ଘଟିଥିଲା, ସେଥିମଧ୍ୟରୁ ଅଧିକାଂଶ ମଧ୍ୟ ଗତବର୍ଷ ରହିଥିଲା, ଯଦିଓ ସେଗୁଡ଼ିକର ତୀବ୍ରତା ଅପେକ୍ଷାକୃତ କମ୍ ହୋଇଥିଲା । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଶେଷବର୍ଷ ଅର୍ଥାତ୍ ୧୯୬୦-୬୧ ମସିହାର ମୁଣ୍ଡପିଛା ଆୟ ୩୧୦ ଟଙ୍କା ଅପେକ୍ଷା ଗତବର୍ଷର ମୁଣ୍ଡପିଛା ଜାତୀୟ ଆୟରେ ବିଶେଷ କିଛି ବୃଦ୍ଧି ଦେଖାଯାଇ ନ ଥିଲା । ତେଣୁ ତୃତୀୟ ପଞ୍ଚବାର୍ଷିକ ଯୋଜନା ଓ ଗୋଟିଏ ବାର୍ଷିକ ଯୋଜନା କାର୍ଯ୍ୟକାରୀ କରିବା ଦ୍ୱାରା ଯେଉଁ ସୁଫଳ ମିଳିଲା ତାହା ଜନସଂଖ୍ୟା ବୃଦ୍ଧି ଦ୍ୱାରା ଭରଣପୂରଣ ହୋଇଗଲା ଏବଂ ମୁଣ୍ଡପିଛା ଆୟରୁ ଯାହା ଜଣାପଡ଼ୁଛି, ହାରାହାରି ଜୀବନଧାରଣର ମାନରେ ସାମାନ୍ୟ କିଛି ବୃଦ୍ଧି ଘଟିଥିଲା ।

କେବଳ ୧୯୪୮-୪୯ ମୂଲ୍ୟସୂଚୀ ଭିତ୍ତିରେ ଓଡ଼ିଶା ରାଜ୍ୟପାଇଁ ତଥ୍ୟମାନ ମିଳିଥାଏ, କିନ୍ତୁ ଉପରେ ଦର୍ଶାଯାଇଥିବା ସର୍ବଭାରତୀୟ ହିସାବ ସହିତ ଉକ୍ତ ମୂଲ୍ୟସୂଚୀ ପ୍ରୟୋଗର ତୁଳନୀୟ ନୁହେଁ । ରାଜ୍ୟ ସରକାରଙ୍କ ପରିସଂଖ୍ୟାନ ଓ ଅର୍ଥନୀତି ଦପ୍ତର ଦ୍ୱାରା ପ୍ରସ୍ତୁତ ପ୍ରାକ୍‌କଳନ ଅନୁଯାୟୀ ରାଜ୍ୟର ସର୍ବମୋଟ ଆୟ ୧୯୬୫-୬୬ ମସିହାରେ ୪,୫୮ କୋଟି ଟଙ୍କା ହୋଇଥିବା ସ୍ଥଳେ ୧୯୬୬-୬୭ ମସିହାରେ ଏହା ଶତକଡ଼ା ୫·୭ ଭାଗ ବୃଦ୍ଧି ପାଇ ୪,୮୦ କୋଟି ଟଙ୍କା ହୋଇଥିଲା । ସେହିପରି ମୁଣ୍ଡପିଛା ଆୟ ମଧ୍ୟ ୧୯୬୫-୬୬ ମସିହାରେ ଟ ୨୩୬·୬୩ ପଇସା ଥିବା ସ୍ଥଳେ ୧୯୬୬-୬୭ ମସିହାରେ ତାହା ଶତକଡ଼ା ୩·୬ ଭାଗ ବୃଦ୍ଧିପାଇଁ ଟ ୨୪୫·୬୫ ପଇସା ହୋଇଥିଲା ।

ଓଡ଼ିଶାରେ ୧୯୬୭-୬୮ ମସିହାଟି ଭବିଷ୍ୟତର ଉଜ୍ଜ୍ୱଳ ସମ୍ଭାବନା ନେଇ ଆରମ୍ଭ ହୋଇଥିଲା, କିନ୍ତୁ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ବନ୍ୟା, କଟକ ଜିଲ୍ଲାର କେତେକ ଅଞ୍ଚଳରେ ଚାହିଁ ନ ଥିବା ବାତ୍ୟା ଓ ଗତ ଖରିଫ୍ ଋତୁରେ ରାଜ୍ୟର ବହୁତ ଅଞ୍ଚଳରେ ମରୁଡ଼ି ଅବସ୍ଥା ଘଟି ପ୍ରଚୁର ଶସ୍ୟ ଅମଳର ଆଶା ଉପରେ ଗୁରୁତର ଆଞ୍ଚ ଆଣିଥିଲା । ସେ ଯାହାହେଉ, ୧୯୬୪-୬୫ ମସିହାର କୃଷି ଉତ୍ପାଦନ ଅପେକ୍ଷା ଏ ବର୍ଷର କୃଷି ଉତ୍ପାଦନ ବହୁତ କମ୍ ହେଲେ ବି ଏହା ଗତ ଦୁଇବର୍ଷ ଅପେକ୍ଷା ଭଲ ହୋଇଛି ।

ଭାରତର ଦରିଦ୍ରତମ ରାଜ୍ୟମାନଙ୍କ ମଧ୍ୟରୁ ଆମ ରାଜ୍ୟ ଏକତମ । ଅନେକ ସମୟରେ କୁହାଯାଇଛି ଯେ ଓଡ଼ିଶାରେ ବିପୁଳ ପ୍ରାକୃତିକ ସମ୍ବଳ ରହିଛି । ରାଜ୍ୟର ଅର୍ଥନୈତିକ ଅଗ୍ରଗତିକୁ ତ୍ୱରାନ୍ୱିତ କରିବାକୁ ହେଲେ ପୂର୍ଣ୍ଣମାତ୍ରାରେ ଏହିସବୁ ସମ୍ବଳର ଉପଯୋଗ କରାଯିବା ଆବଶ୍ୟକ । ଏଥିପାଇଁ ବିପୁଳ ପରିମାଣର ଅର୍ଥ ବିନିଯୋଗ କରିବାକୁ ହେବ । କିନ୍ତୁ ଓଡ଼ିଶା ଭଳି ଗୋଟିଏ ରାଜ୍ୟରେ ଲୋକଙ୍କର ସଂଚୟର ଅଭାବ ଥିବା ଯୋଗୁ ସମ୍ବଳ ସଂଗ୍ରହ କରିବାପାଇଁ ଖୁବ୍ କମ୍ ସୁଯୋଗ ରହିଛି । ଏଣୁ ଆବଶ୍ୟକତା ଦୃଷ୍ଟିରୁ ରାଜ୍ୟ ବାହାରର ଓ ମୁଖ୍ୟତଃ କେନ୍ଦ୍ର ସରକାରଙ୍କର ଅର୍ଥ ବିନିଯୋଗ ଉପରେହିଁ ଆମର ଉନ୍ନୟନ ବହୁଳାଂଶ ପରିମାଣରେ ନିର୍ଭର କରିବ । ତାହା ସଙ୍ଗେ ସଙ୍ଗେ ଯେପରି ଲାଭପ୍ରଦ ହେଉ ନ ଥିବା ଯୋଜନାଗୁଡ଼ିକୁ ପରିତ୍ୟାଗ କରାଯାଏ ଓ ଅପବ୍ୟୟ ରୋକାଯାଏ ତହିଁର ନିଶ୍ଚିତ ବ୍ୟବସ୍ଥା କରିବାକୁ ପଡ଼ିବ । ମୂଳଧନ ବିନିଯୋଗ ଫଳରେ ଯେପରି ସର୍ବାଧିକ ଉତ୍ପାଦନ ହୁଏ ସେ ଦିଗରେ ଉଦ୍ୟମ କରାଯିବା ଉଚିତ । ରାଜ୍ୟ ସରକାର ସେହି ଅନୁସାରେ ବ୍ୟବସ୍ଥା ଗ୍ରହଣ କରିବାକୁ ସଂକଳବଦ୍ଧ ହୋଇଛନ୍ତି ।

### ଦରଦାମ

ସମଗ୍ର ଭାରତ ପାଇଁ ଶ୍ରମିକ ଶ୍ରେଣୀ ଖାଉଟିମାନଙ୍କ ମୂଲ୍ୟସୂଚୀ (୧୯୪୯ ଭିତ୍ତିରେ ୧୯୬୪-୬୫, ୧୯୬୫-୬୬ ଓ ୧୯୬୬-୬୭ ମସିହାରେ ଯଥାକ୍ରମେ ୧୫୭, ୧୬୯ ଓ ୧୯୧ ରହିଥିଲା । କଟକ ପାଇଁ ମୂଲ୍ୟସୂଚୀର ଅନୁରୂପ ସଂଖ୍ୟା ଥିଲା ଯଥାକ୍ରମେ ୧୭୮, ୧୮୮ ଓ ୨୧୩ । ତୃତୀୟ ପଞ୍ଚବାର୍ଷିକ ଯୋଜନାକାଳ ମଧ୍ୟରେ ନିଅଣ୍ଟିଆ ଅର୍ଥନୀତି ହେତୁ ସୃଷ୍ଟି ହୋଇଥିବା ମୁଦ୍ରାସ୍ଫୀତିର ରୂପ ଯୋଗୁଁ ଏ କୃଷି ଉତ୍ପାଦନ ହ୍ରାସ ଓ ଶିଳ୍ପ ଉତ୍ପାଦନରେ ପଶ୍ଚାଦ୍‌ଗତି ଯୋଗୁଁ ଦରଦାମ ଏଭଳି ବୃଦ୍ଧି ପାଇଥିଲା । ୧୯୬୭-୬୮ ମଧ୍ୟରେ ସର୍ବଭାରତୀୟ ମୂଲ୍ୟସୂଚୀର ସର୍ବୋଚ୍ଚ ସୀମା ୨୧୫ରେ ପହଞ୍ଚିବା ପର୍ଯ୍ୟନ୍ତ ମୂଲ୍ୟସୂଚୀ କ୍ରମାଗତ ବୃଦ୍ଧି ପାଇବାରେ ଲାଗିଥିଲା । ମୂଲ୍ୟସୂଚୀରେ ଏଭଳି ଅତ୍ୟଧିକ ଅସ୍ୱାଭାବିକ ବୃଦ୍ଧି ଘଟିବା ଯୋଗୁଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନେ ଉଦ୍‌ବିଗ୍ନ ହୋଇପଡ଼ିଥିଲେ ଏବଂ କେନ୍ଦ୍ର ସରକାର ନିଅଣ୍ଟିଆ ଆର୍ଥିକ ବ୍ୟବସ୍ଥା ଯଥାସମ୍ଭବ ପରିହାର କରିବାକୁ ସ୍ଥିର କରିଥିଲେ । ଏହା ଫଳରେ ରାଜ୍ୟ ସରକାରମାନଙ୍କୁ ସେମାନଙ୍କ ଯୋଜନା ବାବଦ ବ୍ୟୟ ବଡ଼ାବଡ଼ି ଭାବେ କାଟଛାଣ୍ଟ କରିବାକୁ ପଡ଼ିଥିଲା । ଯାହାହେଉ ନା କାହିଁକି ଏହିସବୁ ବ୍ୟବସ୍ଥାର ପ୍ରଭାବ ଖୁବ୍ ସାମାନ୍ୟ ହୋଇଛି । ୧୯୬୭ ସେପ୍ଟେମ୍ବର ମାସରେ ଏହି ମୂଲ୍ୟସୂଚୀ ୨୧୦କୁ ହ୍ରାସ ପାଇଛି । ନିଅଣ୍ଟିଆ ଅର୍ଥିକ ବ୍ୟବସ୍ଥା ପରିହାର କରିବାର ନୀତି ଗ୍ରହଣ କରିବାକୁ ଲକ୍ଷ୍ୟରଖି କେନ୍ଦ୍ର ଓ ରାଜ୍ୟ ସରକାରମାନେ ଆଗାମୀ ବର୍ଷର ବଜେଟ ପ୍ରସ୍ତୁତ କରୁଛନ୍ତି । ଏହିପରି ଭାବେ ଦରଦାମର କ୍ରମାଗତ ବୃଦ୍ଧିକୁ ରୋକିବା ଉଦ୍ଦେଶ୍ୟରେ ଉନ୍ନୟନର ବେଗ ମନ୍ଥର କରାଯାଉଛି ।

### ମରୁଡ଼ି

ମହାଶୟ, ୧୯୬୫-୬୬ ଓ ୧୯୬୬-୬୭ରେ ବ୍ୟାପକ ମରୁଡ଼ି ପରିସ୍ଥିତି ଦେଖାଦେଇଥିବା ବିଷୟ ଏହି ସଭା ଅବଗତ ଅଛନ୍ତି । ୧୯୬୭-୬୮ର ପ୍ରଥମ ଭାଗରେ ଠିକ୍ ସମୟରେ ଯଥେଷ୍ଟ ବର୍ଷା ହୋଇଥିବାରୁ ଓଡ଼ିଶାରେ ପ୍ରଚୁର ଫସଲ ଅମଳ ହେବାର ଆଶା କରାଯାଉଥିଲା ଓ ଏ ବର୍ଷ କୃଷୀମାନେ ବହୁ ପ୍ରତୀକ୍ଷିତ ସ୍ୱସ୍ତିର ନିଶ୍ୱାସ ମାରିବେ ବୋଲି ମନେ ହେଉଥିଲା । ମାତ୍ର ଦୁର୍ଭାଗ୍ୟକ୍ରମେ ଅକ୍ଟୋବର ମାସରେ ମୌସୁମୀ ପ୍ରବାହ ପୁନଶ୍ଚ ବନ୍ଦ ହୋଇଗଲା । ସ୍ୱାଭାବିକ ବୃଷ୍ଟିପାତ ୧୦୭.୮୯ ମିଲିମିଟର ପରିବର୍ତ୍ତେ ଅକ୍ଟୋବର ମାସରେ ମାତ୍ର ୨୮.୬୮ ମିଲିମିଟର ବର୍ଷା ହୋଇଥିଲା । ଏହା ଫଳରେ ବହୁତ ଜିଲ୍ଲାରେ ମଧ୍ୟମ ଧରଣ ଓ

ହେଉଥିବାରୁ ଯାଉଥିବା ଜମିର ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିଲା । ବଲାଙ୍ଗୀର, କଟକ, ଗଞ୍ଜାମ, ଢେଙ୍କାନାଳ ଓ ପୁରୀ ଜିଲ୍ଲାର ଏବଂ ଫୁଲବାଣୀ ଜିଲ୍ଲାର କେତେକ ଅଞ୍ଚଳରେ ଏହି ସମୟରେ ଜଳକଷ୍ଟ ହୋଇପଡ଼ିଥିଲା । ଅପେକ୍ଷାକୃତ ଅଳ୍ପ ପରିମାଣରେ ଏଭଳି ଅବସ୍ଥା ମଧ୍ୟ ଅନ୍ୟାନ୍ୟ ଜିଲ୍ଲାରେ ଘଟିଥିଲା । ରାଜ୍ୟ ସରକାର ୧୯୬୫-୬୬ ଠାରୁ ବହୁଅର୍ଥ ବ୍ୟୟକରି ମରୁଡ଼ିଗ୍ରସ୍ତ ଅଞ୍ଚଳମାନଙ୍କରେ ରିଲିଫ ବ୍ୟବସ୍ଥା ଚଳାଇ ଆସୁଥିଲେ । ଗତ ବର୍ଷର ମରୁଡ଼ି ତଥା ଚଳିତ ବର୍ଷର ମରୁଡ଼ିଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳମାନଙ୍କରେ ରିଲିଫ କାର୍ଯ୍ୟ ଚଳାଇବା ସହିତ ଦୁର୍ଭିକ୍ଷ ସାହାଯ୍ୟ ପାଣ୍ଠିର ସମସ୍ତ ଅର୍ଥ ୧୯୬୭-୬୮ ମଧ୍ୟରେ ଖର୍ଚ୍ଚ କରିଦେବାପାଇଁ ନିର୍ଦ୍ଦିଷ୍ଟ ରଖାଯାଇଛି । ଏହାଛଡ଼ା ମରୁଡ଼ିଗ୍ରସ୍ତ ଅଞ୍ଚଳମାନଙ୍କରେ ତକାବି ଋଣ ବଣ୍ଟନପାଇଁ ମଧ୍ୟ ୫୦ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି ।

## ବନ୍ୟା

ଜୁଲାଇ ମାସ ଶେଷ ସପ୍ତାହରେ ମହାନଦୀ ଓ ତେଲନଦୀ ଅବବାହିକା ଅଞ୍ଚଳରେ ପ୍ରବଳ ବୃଷ୍ଟି ହୋଇ କଳାହାଣ୍ଡି, ବଲାଙ୍ଗୀର, କଟକ ଓ ପୁରୀ ଜିଲ୍ଲାରେ ଏହି ଦୁଇଟି ନଦୀରେ ବନ୍ୟା ଦେଖା ଦେଇଥିଲା । କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାରେ ବନ୍ୟାଜନିତ କ୍ଷତି ବିଶେଷଭାବେ ଗୁରୁତର ହୋଇଥିଲା । କାରଣ ସାଧାରଣତଃ ଏହି ଦୁଇଟି ଜିଲ୍ଲାରେ ବନ୍ୟା ହୁଏନାହିଁ । ପୁନର୍ବାର ୧୯୬୭ ମସିହା ଅଗଷ୍ଟ ମାସ ଶେଷ ସପ୍ତାହରେ ଏବଂ ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହରେ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ସାଳନ୍ଦୀ ଓ ବୈତରଣୀ ନଦୀରେ ବନ୍ୟାହୋଇ ବାଲେଶ୍ଵର, ମୟୂରଭଞ୍ଜ, କଟକ ଓ କେନ୍ଦୁଝର ଜିଲ୍ଲାରେ ବ୍ୟାପକ କ୍ଷତି ଘଟାଇଲା । ଏହି ବନ୍ୟା ଫଳରେ ପ୍ରାୟ ୨୦ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହେଲେ ଏବଂ ପ୍ରାୟ ୩୨,୦୦୦ ଘରଦ୍ଵାର ନଷ୍ଟ ହୋଇଗଲା । ରାସ୍ତାଘାଟ, ପୋଲ, କୋଠାବାଡ଼ି, ବନ୍ଧବାନ୍ଧ ଆଦି ବହୁ ସରକାରୀ ସମ୍ପତ୍ତିର ବ୍ୟାପକ କ୍ଷତି ଘଟିଥିଲା । ଏହାଦ୍ଵାରା ବହୁ ସଂଖ୍ୟକ ହାଇସ୍କୁଲ, ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ୧୯୬୭ ମସିହା ସେପ୍ଟେମ୍ବର ମାସରେ ଗୋଟିଏ କେନ୍ଦ୍ରୀୟ ପଦାଧିକାରୀ (ଅଫିସର) ଦଳ ରାଜ୍ୟ ପରିଦର୍ଶନରେ ଆସିଥିଲେ ଏବଂ ରାଜ୍ୟ ସରକାରଙ୍କ ପଦାଧିକାରୀମାନଙ୍କ ସହିତ ଆଲୋଚନା କରିସାରେ ବନ୍ୟାଦ୍ଵାରା କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳରେ ରିଲିଫ୍ କାର୍ଯ୍ୟ ୨୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତାବ କରିଥିଲେ । ତଦନୁସାରେ ରିଲିଫ୍ ବ୍ୟବସ୍ଥା ହାତକୁ ନିଆଯାଇ ଏ ପର୍ଯ୍ୟନ୍ତ ଚାଲୁ ରହିଛି ।

## ବାତ୍ୟା

୧୯୬୭ ମସିହା ଅକ୍ଟୋବର ୯ ତାରିଖରେ କଟକ, ପୁରୀ ଓ ବାଲେଶ୍ଵର ଜିଲ୍ଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ଏକ ନାହିଁ ନ ଥିବା ଘୂର୍ଣ୍ଣିବାତ୍ୟା ହୋଇ ଧନଜୀବନର ବ୍ୟାପକ ଧ୍ଵଂସ ଘଟାଇଥିଲା ଏବଂ ଏହା ଫଳରେ କ୍ଷତିଗ୍ରସ୍ତ ଅଞ୍ଚଳର ଆର୍ଥିକ ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିଲା । ଏହି ବାତ୍ୟା ଫଳରେ ୧,୪୫୦ ବର୍ଗ ମାଇଲ ପରିମିତ ୧୫ଟି ବ୍ଲକର ସର୍ବମୋଟ ୨୨,୧୯୮ଟି ଗ୍ରାମ ଏବଂ ୮,୭୪,୦୦୦ ଗ୍ରାମବାସୀ ବିପନ୍ନ ହୋଇଛନ୍ତି । ସରକାରୀ ଅଫିସ, ବାସଗୃହ, ବିଦ୍ୟୁତ୍ ସରବରାହ ଭବନ, ହାସପାତାଳ, ରାସ୍ତାଘାଟ, ସ୍କୁଲଘର ଏବଂ ଅନ୍ୟାନ୍ୟ ସମ୍ପତ୍ତି ନଷ୍ଟ ହୋଇଯାଇଥିଲା । ରିଲିଫ ବାବଦରେ ୨୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାପାଇଁ ଭାରତ ସରକାରଙ୍କ କେନ୍ଦ୍ରୀୟ ପଦାଧିକାରୀ ଦଳ ସ୍ଥିର ଦେଇଥିଲେ । ବାତ୍ୟାକବଳିତ ଅଞ୍ଚଳରେ ଦ୍ରୁତ ବିସ୍ତାର ସହିତ ରିଲିଫକାର୍ଯ୍ୟ ହାତକୁ ନିଆଯାଇଥିଲା ଏବଂ ଆବଶ୍ୟକ ପରିମାଣରେ ଏ ସମସ୍ତ କାର୍ଯ୍ୟ ଚାଲୁ ରହିଛି ।

[ Vol. IV—No. 6 ] [ 28th February 1968 ]

## କୃଷି ଉତ୍ପାଦନ

ଆଗେ ଯେପରି ଧାନ ଓଡ଼ିଶାର ପ୍ରଧାନ ଫସଲ ଥିଲା ଏବେ ବି ସେହିପରି ରହିଛି । ଓଡ଼ିଶାରେ ସବୁଠୁ ଭଲ ଅବସ୍ଥାରେ ହାରାହାରି ୩୭ ଲକ୍ଷ ମେଟ୍ରିକ୍ ଟନ୍ ଧାନ ଉତ୍ପନ୍ନ ହୁଏ କିନ୍ତୁ ୧୯୬୦-୬୫ ମସିହାରେ ଆମେ ସୁନ୍ଦର ଫସଲ ଅମଳ କରିଥିଲୁ । ସେତେବେଳେ ୪୬·୪୮ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ହୋଇଥିବାର ହିସାବ କରାଯାଇଥିଲା । ୧୯୬୫-୬୬ ମସିହାର ଗୁରୁତର ମରୁଡ଼ି ପରିସ୍ଥିତି ଯୋଗୁଁ ଉତ୍ପାଦନ ୩୧·୪୮ ଲକ୍ଷ ମେଟ୍ରିକ୍ ଟନକୁ ହ୍ରାସ ପାଇଲା । ୧୯୬୬-୬୭ ମସିହାରେ ଉତ୍ପାଦନ ୩୫·୩୭ ଲକ୍ଷ ମେଟ୍ରିକ୍ ଟନକୁ ବୃଦ୍ଧି ପାଇଲା । ରାଜ୍ୟ ପରିସଂଖ୍ୟାନ ଓ ଅର୍ଥନୀତିକ ବ୍ୟୁରୋ ୧୯୬୭-୬୮ ମସିହା ପାଇଁ ଯେଉଁ ଅସ୍ଥାୟୀ ଆକଳନ ପ୍ରସ୍ତୁତ କରିଛନ୍ତି ସେଥିରୁ ଦେଖାଯାଏ ଯେ ଚଳିତ ବର୍ଷ ୩୪ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ହେବାର ସମ୍ଭାବନା । ଗତ ବର୍ଷ ତୁଳନାରେ ଏହା ସାମାନ୍ୟ କମ୍ ହେବ । ବନ୍ୟା ଓ ବାତ୍ୟାଜନିତ କ୍ଷତି ଯୋଗୁଁ ଏବଂ ଅକ୍ଟୋବର ମାସରେ ବର୍ଷା ନ ହେବା ଫଳରେ ଉତ୍ପାଦନ ଏହିଭଳି କମି ଯାଇଛି ।

ସରକାର ପୂର୍ବଭଳି ଧାନ-ଉତ୍ପାଦନ ପରିକଳ୍ପନାଗୁଡ଼ିକ ଉପରେ ଅଧିକ ଗୁରୁତ୍ୱ ଦେଇ ଆସୁଛନ୍ତି । ସମ୍ବଲପୁର ଜିଲ୍ଲାରେ ପ୍ରଗାଢ଼ ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ୮୬ଟି ବ୍ଲକରେ ଉନ୍ନତ ଧାନଚାଷ ପରିକଳ୍ପନା କାର୍ଯ୍ୟକାରୀ ହେଉଛି ଏବଂ ୧୯୬୮-୬୯ ମସିହାରେ ୬୦ଟି ନୂଆ ବ୍ଲକରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ ରହିଛି । ୧୯୬୭-୬୮ ମସିହାରେ ଅଧିକ ଅମଳକ୍ଷମ ଫସଲ କାର୍ଯ୍ୟକ୍ରମ ୭୦ଟି ବ୍ଲକରେ କାର୍ଯ୍ୟକାରୀ କରାଯାଇଥିଲା ଏବଂ ଖରିଫ ଋତୁରେ ୯୫,୦୦୦ ଏକର ଜମି ଏହି କାର୍ଯ୍ୟକ୍ରମର ପରିସରଭୁକ୍ତ ହୋଇଥିଲା । ପ୍ରାୟ ୧,୯୦,୦୦୦ ଏକର ଜମିରେ ରବି କାର୍ଯ୍ୟକ୍ରମ ଗ୍ରହଣ କରିବାର ସମ୍ଭାବନା ରହିଛି । ୧୯୬୮-୬୯ ମସିହାରେ ଅଧିକ ୧୫ଟି ବ୍ଲକ ଅଞ୍ଚଳକୁ ଏହି କାର୍ଯ୍ୟକ୍ରମ ସମ୍ପ୍ରସାରିତ କରାଯିବ । ୧୯୬୮-୬୯ ମସିହାରେ ୩୭୦ ଲକ୍ଷ ଏକରରେ ଖରିଫ ଫସଲ ଏବଂ ୬୩୦ ଲକ୍ଷ ଏକରରେ ରବି ଫସଲ ଚାଷ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଝୋଟ ଏ ରାଜ୍ୟର ଏକ ପ୍ରଧାନ ଅର୍ଥକାରୀ ଫସଲ । ଏ ସମ୍ପର୍କରେ ମିଳିଥିବା ସର୍ବଶେଷ ପରିସଂଖ୍ୟାନରୁ ଦେଖାଯାଏ ଯେ ୧୯୬୬-୬୭ ମସିହାରେ ୬,୮୮,୦୦୦ ଗାଣ୍ଠି ଝୋଟ ଉତ୍ପାଦିତ ହୋଇଥିବା ସ୍ଥଳେ ତା'ର ପୂର୍ବ ବର୍ଷ ୬,୦୮,୦୦୦ ଗାଣ୍ଠି ଝୋଟ ଉତ୍ପାଦିତ ହୋଇଥିଲା । ଏଥିରୁ ଦେଖାଯାଏ ଯେ ୧୯୬୬-୬୭ ଉତ୍ପାଦନ ପୂର୍ବ ବର୍ଷ ତୁଳନାରେ ଶତକଡ଼ା ୩୭·୫ ଭାଗ ବୃଦ୍ଧି ପାଇଛି । ବିଶେଷ କରି ଚାଷୀମାନେ ଏଥର ପିଷ୍ଟ ଅଧିକ ଅମଳ କରିପାରିଥିବାରୁ ଝୋଟ ଉତ୍ପାଦନ ଏହିଭଳି ବୃଦ୍ଧି ପାଇଛି । ପ୍ରାୟ ୫୮,୦୦୦ ଏକର ଜମିରେ 'ଫଲିଅର' ଛିଞ୍ଚିବା (ସ୍ପ୍ରେଇଙ୍ଗ) ହେଉଛି ଏହି ପରିକଳ୍ପନାର ଏକ ଉଲ୍ଲେଖଯୋଗ୍ୟ ସଫଳତା ।

ମରୁଡ଼ି ପରିସ୍ଥିତି ଚାଷୀମାନଙ୍କୁ ଆକୃଷ୍ଟ ନ କରି ପାରିବା ଭଳି ଦରଦାମ ତଥା ଶବନ କାଷମର ଅଧିକ ଅମଳକ୍ଷମ ଓ କମ୍ ସମୟରେ ଅମଳ ହୋଇ ପାରୁଥିବା ଅନ୍ୟାନ୍ୟ ଲାଭପ୍ରଦ ଫସଲ ସହିତ ପ୍ରତିଯୋଗିତା ଦେଖାଦେବା ଫଳରେ ୧୯୬୬-୬୭ ଓ ୧୯୬୭-୬୮ ମସିହାରେ ଆଖୁ ଉତ୍ପାଦନ ବ୍ୟାହତ ହୋଇଥିଲା । ୧୯୬୫-୬୬ ମସିହାରେ ୩୭,୦୦୦ ହେକ୍ଟର ଜମିରେ ଆଖୁ ଚାଷ ହୋଇଥିବା ସ୍ଥଳେ ୧୯୬୬-୬୭ ମସିହାରେ ଏହା ୩୬,୦୦୦ ହେକ୍ଟରକୁ ହ୍ରାସ ପାଇଥିଲା । ୧୯୬୭-୬୮ ମସିହାରେ ୨·୫ ଲକ୍ଷ ମେଟ୍ରିକ୍ ଟନ୍ ଗୁଡ଼ ଉତ୍ପାଦିତ ହେବ ବୋଲି ଅଟକଳ କରାଯାଇଛି । ୧୯୬୮-୬୯ ମସିହା ପାଇଁ ୩·୪୨ ଲକ୍ଷ ମେଟ୍ରିକ୍ ଟନ୍ ଗୁଡ଼ ଉତ୍ପାଦନର କାର୍ଯ୍ୟକ୍ରମ ରଖାଯାଇଛି । ଏହି ଲକ୍ଷ୍ୟ ହାସଲ ନିମନ୍ତେ କୃଷି ବିଭାଗ ତରଫରୁ ବିଶେଷ ଉଦ୍ୟମ କରାଯିବା ଆବଶ୍ୟକ ପଡ଼ିବ ।

ଚିନାବାଦାମ, ସୋରିଷ, ତିଳ, ଫେସି ଓ ଅଳସୀ (ନାଇଜର) ଭଳି ଫସଲ ଉତ୍ପାଦନ ନିମନ୍ତେ ତୈଳବୀଜ ଉନ୍ନୟନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୧୯୬୭-୬୮ ମସିହାରେ ମୋଟ ୯ ଲକ୍ଷ ଏକର ଜମିରେ ତୈଳବୀଜ ଚାଷ କରାଯାଇଥିଲା । ରବି ଋତୁରେ ଚାଷ କରିବା ନିମନ୍ତେ ଆମର ଆବଶ୍ୟକ ପରିମାଣର ପରିମାଣର ଚିନାବାଦାମ ବିହନ ରାଜ୍ୟ ମଧ୍ୟରୁ ସଂଗ୍ରହ କରାଯାଇପାରିଛି । ଏହି ପରିକଳ୍ପନା ଭିତରେ ଏହା ଏକ ଉଲ୍ଲେଖଯୋଗ୍ୟ ସଫଳତା । ପୂର୍ବବର୍ତ୍ତୀ ବର୍ଷମାନଙ୍କରେ ମହାରାଷ୍ଟ୍ରରୁ ପ୍ରାୟ ୩,୦୦୦ କୁଇଣ୍ଟାଲ ହିସାବରେ

ବନ୍ଧନ ଅଣାଯାଉଥିଲା ; କିନ୍ତୁ ବର୍ତ୍ତମାନ ରାଜ୍ୟରେ ଚିନାବାଦାମ ଚାଷ କରାଯାଇ ଏହା ବନ୍ଧନ ସଂଗ୍ରହ କରାଯାଉଛି । ୧୯୬୮-୬୯ ମସିହାରେ ୮.୮୫ ଲକ୍ଷ ଏକର ଜମିରେ ତୈଳବୀଜ ଚାଷ କରିବା ପାଇଁ ପ୍ରସ୍ତାବ ରଖାଯାଇଛି ।

ଖାଦ୍ୟ ନୀତି

୧୯୬୬-୬୭ ଖରିଫ୍ ବର୍ଷରେ ରାଜ୍ୟ ସରକାର ପୂର୍ବଭଳି ଏକଚାଟିଆ ଭିତ୍ତିରେ ଧାନ ଓ ଚାଉଳ ସଂଗ୍ରହ କରିଥିଲେ । ଉକ୍ତ ବର୍ଷ ୨.୦୬ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ କରାଯାଇଥିଲା । ପ୍ରାୟ ୯୮,୦୦୦ ମେଟ୍ରିକ୍ ଟନ୍ ଚାଉଳ ଭାରତର ଖାଦ୍ୟ କର୍ପୋରେସନ ଜରିଆରେ କେନ୍ଦ୍ର ସରକାରଙ୍କୁ ଯୋଗାଇ ଦିଆ ଯାଇଥିଲା । ଏହାଛଡ଼ା ୧୯୬୫-୬୬ ମସିହାରେ ସଂଗୃହୀତ ଚାଉଳରୁ ବଳକା ରହିଥିବା ୫,୨୨୩ ମେଟ୍ରିକ ଟନ୍ ଚାଉଳ ଏକ ରାଜ୍ୟରୁ ଅନ୍ୟ ରାଜ୍ୟକୁ ରପ୍ତାନି ଭାବରେ ପଶ୍ଚିମ ବଙ୍ଗକୁ ପ୍ରେରଣ କରାଯାଇଥିଲା ଏବଂ ରିଲିଫ୍ ଉଦ୍ଦେଶ୍ୟରେ ବିହାରକୁ ୨୫୦ ମେଟ୍ରିକ୍ ଟନ୍ ଚାଉଳ ମଧ୍ୟ ପଠାହୋଇଥିଲା । ଏହା ବ୍ୟତୀତ ବିହାରର ବନ୍ଧନ ଚାହିଦା ପୂରଣ କରିବା ନିମନ୍ତେ ଉକ୍ତ ରାଜ୍ୟକୁ ୮,୬୪୨ ମେଟ୍ରିକ୍ ଟନ୍ ବନ୍ଧନ ମଧ୍ୟ ପ୍ରେରଣ କରାଯାଇଥିଲା । ରାଜ୍ୟବାସୀଙ୍କ ବ୍ୟବହାର ନିମନ୍ତେ ୯୪,୬୫୦ ମେଟ୍ରିକ୍ ଟନ୍ ଚାଉଳ ଓ ୧୨୨ ମେଟ୍ରିକ୍ ଟନ୍ ଧାନ ଯୋଗାଇ ଦିଆଯାଇଥିଲା ।

ଗତ ଦୁଇଟି ଖରିଫ୍ ବର୍ଷ ଭଳି ଚଳିତ ଖରିଫ୍ ବର୍ଷରେ ମଧ୍ୟ ସରକାର ଏକଚାଟିଆ ଭିତ୍ତିରେ ଧାନ ଚାଉଳ ସଂଗ୍ରହ ପାଇଁ ନିଷ୍ପତ୍ତି କରିଛନ୍ତି । ଭାରତ ସରକାରଙ୍କ ଅନୁମୋଦିତ ଦରରେ ରାଜ୍ୟ ସରକାରଙ୍କ ତରଫରୁ ଧାନ ଚାଉଳ ଖରିଦ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ଏକଚାଟିଆ କ୍ରୟ ଓ ଯୋଗାଣ ଏଜେଣ୍ଟ ରୂପେ ଭାରତର ଖାଦ୍ୟ କର୍ପୋରେସନଙ୍କୁ ନିଯୁକ୍ତ କରାଯାଇଛି । ରାଜ୍ୟର ଆଭ୍ୟନ୍ତରୀଣ ବ୍ୟବହାର ନିମନ୍ତେ ୧,୦୦,୦୦୦ ମେଟ୍ରିକ୍ ଟନ୍ ରଖି ୨,୦୦,୦୦୦ ମେଟ୍ରିକ୍ ଟନ୍ କେନ୍ଦ୍ରୀୟ ମହଜୁଦ ଭଣ୍ଡାରକୁ ରପ୍ତାନି କରିବାର ଅଭିପ୍ରାୟରେ ଚଳିତ ବର୍ଷ ୩,୦୦,୦୦୦ ମେଟ୍ରିକ୍ ଟନ୍ ସଂଗ୍ରହ କରିବା ନିମନ୍ତେ ମୂଳରୁ ସ୍ଥିର କରାଯାଇଥିଲା । ବାଲେଶ୍ୱର ଜିଲ୍ଲାରେ ନାହିଁନଥିବା ବନ୍ୟା ସାଙ୍ଗକୁ କେତେକ ଉପକୂଳବର୍ତ୍ତୀ ଜିଲ୍ଲାରେ ପ୍ରଳୟଙ୍କରୀ ବାତ୍ୟା ଦେଖାଦେଇଥିଲା । ଅଧିକ ମଧ୍ୟ ରାଜ୍ୟର କେତେକ ଅଞ୍ଚଳରେ ଅକ୍ଟୋବର ମାସରେ ବୃଷ୍ଟି ହାନି ଘଟିଥିଲା । ତେଣୁ ମୋଟ ଉପରେ ଧାନ ଅମଲ ହ୍ରାସ ପାଇବ ବୋଲି ଆଶଙ୍କା କରାଯାଉଛି । ତେଣୁ ୩,୦୦,୦୦୦ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ ନିମନ୍ତେ ମୂଳରୁ ଯେଉଁ କଳନା କରାଯାଇଥିଲା, ଏହା ଫଳରେ ତାହା ହାସଲ କରିବାପାଇଁ ରାଜ୍ୟ ସରକାର ସମର୍ଥ ହେବେ ନାହିଁ । ତେଣୁ ଧାର୍ଯ୍ୟ ପରିମାଣକୁ ବର୍ତ୍ତମାନ ୨,୨୦,୦୦୦ ମେଟ୍ରିକ୍ ଟନ୍‌କୁ କମାଇ ଦିଆଯାଇଛି ।

ଗତ ବର୍ଷ ୩୬୦ ଜଣ ଏଜେଣ୍ଟଙ୍କୁ ନିଯୁକ୍ତ କରାଯାଇଥିବା ସ୍ଥଳେ ଚଳିତ ବର୍ଷ ଭାରତର ଖାଦ୍ୟ କର୍ପୋରେସନ୍ ୨୨୭ ଜଣ ଧାନ କଳ ମାଲିକଙ୍କୁ ଓ ଧାନ କଳ ମାଲିକ ହୋଇ ନ ଥିବା ୨୬୦ ଜଣଙ୍କୁ ନିଜର ସବ୍ ଏଜେଣ୍ଟ ରୂପେ ନିଯୁକ୍ତ କରିଛନ୍ତି । ୧୯୬୮ ଫେବ୍ରୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାର ଭାରତର ଖାଦ୍ୟ କର୍ପୋରେସନ୍ ଜରିଆରେ ୧,୧୪,୪୩୩ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିଛନ୍ତି ଏବଂ ୧୯୬୬-୬୭ ମସିହାରେ ମହଜୁଦ ମାଲରୁ ବଳକା ରହିଥିବା ୫,୬୯୦ ମେଟ୍ରିକ୍ ଟନ୍ ଚାଉଳ ସମେତ ମୋଟ ୨୧,୬୭୩ ମେଟ୍ରିକ୍ ଟନ୍ ଚାଉଳ କେନ୍ଦ୍ରୀୟ ମହଜୁଦ ଭଣ୍ଡାରକୁ ରପ୍ତାନି କରିଛନ୍ତି । ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ଏକ ପରିକଳ୍ପନା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ହେଉଥିବା ସବୁପ୍ରକାର ରପ୍ତାନି ଉପରେ ରାଜ୍ୟ ସରକାର ଲଭ୍ୟାଂଶ (ବୋନସ୍) ପାଇବେ ଏବଂ ଏ ବାବଦରେ ୬୦ ଲକ୍ଷ ଟଙ୍କା ମିଳିବ ବୋଲି ବଜେଟ୍ ଆକଳନରେ ଧରିନିଆଯାଇଛି । ଭାରତ ସରକାରଙ୍କ ଅନୁମୋଦନ କ୍ରମେ ରାଜ୍ୟ ସରକାର କୁଇଣ୍ଟାଲ ପିଛା ସାଧାରଣ କିସମ ଧାନର ଖରିଦ ଦର ୪୮ ଟଙ୍କା ଘୋଷଣା କରିଛନ୍ତି । ଗତବର୍ଷ ଧାର୍ଯ୍ୟ କରାଯାଇଥିବା ଦର ଅପେକ୍ଷା ଏହା

[ Vol. IV—No. 6 ] [ 28th February 1968 ]

୭ ଟଙ୍କା ଅଧିକ । ଦରଦାମରେ ଦେଖା ଦେଉଥିବା ସାଧାରଣ ଊର୍ଦ୍ଧ୍ୱଗତିକୁ ଦୃଷ୍ଟି ଆଗରେ ରଖି ଅନୁରୂପ ବର୍ଦ୍ଧିତ ହାରରେ ସରୁ ଓ ଅଣ ସରୁ କିସମ ଧାନର ମୂଲ୍ୟ ଧାର୍ଯ୍ୟ କରାଯାଇଛି । ଚଳନ୍ତି ବର୍ଷ ଖାଉଟି ଦରଦାମକୁ ମଧ୍ୟ କେତେକ ପରିମାଣରେ ବୃଦ୍ଧି କରାଯାଇଛି ।

ରାଜ୍ୟର ସୀମାନ୍ତବର୍ତ୍ତୀ ପଶ୍ଚିମ ବଙ୍ଗ ଓ ବିହାର ରାଜ୍ୟପାଇଁ ଭାରତ ସରକାର ଖୁବ୍ ଅଧିକ ଦର ଧାର୍ଯ୍ୟ କରିଛନ୍ତି । ଏହା ଆମ ରାଜ୍ୟ ପକ୍ଷେ ଏକ ସମସ୍ୟା ସୃଷ୍ଟି କରିଛି । ବେଆଇନ କାରବାରକୁ ରୋକିବା ନିମନ୍ତେ ଯଥାସମ୍ଭବ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯିବା ସତ୍ତ୍ୱେ ଏହି ସୀମାନ୍ତବର୍ତ୍ତୀ ରାଜ୍ୟମାନଙ୍କୁ ବେଆଇନରେ ଧାନଚାଉଳର ସ୍ରୋତ ଛୁଟିଛି । ତେଣୁ ବେଆଇନ ବ୍ୟବସାୟୀ ତଥା ସେମାନଙ୍କର ସହଯୋଗୀମାନଙ୍କ ବିରୁଦ୍ଧରେ କଠୋର ବ୍ୟବସ୍ଥା ଗ୍ରହଣ କରିବା ସଙ୍ଗେ ସଙ୍ଗେ ଏଭଳି ସମାଜବିରୋଧୀ ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ ବନ୍ଦ କରିବା ଉଦ୍ଦେଶ୍ୟରେ ଯେତେଦୂର ସମ୍ଭବ ସବୁପ୍ରକାର କାର୍ଯ୍ୟାନୁଷ୍ଠାନ କରିବାପାଇଁ ରାଜ୍ୟ ସରକାର ନିଷ୍ପତ୍ତି କରିଛନ୍ତି ।

### ଦରମା କମିଶନ୍

୧୯୬୭ ଡିସେମ୍ବର ମାସରେ ରାଜ୍ୟ ସରକାର ଏକ ଦରମା କମିଶନ ଗଠନ କରିଥିଲେ । ଓଡ଼ିଶା ହାଇକୋର୍ଟର ଅନ୍ୟତମ ବିଚାରପତି ଶ୍ରୀ ଅଭିମନ୍ୟୁ ମିଶ୍ର ଦରମା କମିଶନର ଚେୟାରମ୍ୟାନ୍ ରୂପେ ୧୯୬୮ ଜାନୁଆରୀ ମାସରେ ନିଯୁକ୍ତ ହୋଇଛନ୍ତି । ୧୯୬୮ ଜୁନ ୩୦ ତାରିଖ ସୁଦ୍ଧା ତାଙ୍କର ରିପୋର୍ଟ ଦାଖଲ କରିବାପାଇଁ କମିଶନଙ୍କୁ ଅନୁରୋଧ କରାଯାଇଛି ।

### ମହଙ୍ଗାଭତ୍ତା

୧୯୬୭ ମଇ ମାସରେ ମହଙ୍ଗାଭତ୍ତା କମିଶନ୍ ( ଗଜେନ୍ଦ୍ର ଗଡ଼କର କମିଶନ୍ ) ତାଙ୍କର ରିପୋର୍ଟ ଦାଖଲ କରିଥିଲେ । କେନ୍ଦ୍ର ସରକାର ତଦନୁଯାୟୀ କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କ ପ୍ରାପ୍ୟ ମହଙ୍ଗାଭତ୍ତାର ହାର ସଂଶୋଧିତ କରି ତାହାକୁ ତା ୧।୨।୧୯୬୭ ଓ ୧।୭।୧୯୬୭ଠାରୁ କାର୍ଯ୍ୟକାରୀ କଲେ । ରାଜ୍ୟ ସରକାରଙ୍କ କର୍ମଚାରୀ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ, ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥା ଓ ସାହାଯ୍ୟପ୍ରାପ୍ତ ଅନୁଷ୍ଠାନଗୁଡ଼ିକର କର୍ମଚାରୀମାନଙ୍କୁ ମିଳୁଥିବା ମହଙ୍ଗାଭତ୍ତାର ହାର ସଂଶୋଧନ କରିବା ବିଷୟ ରାଜ୍ୟ ସରକାର ବିଚାର କରିଥିଲେ । ତା ୧।୧୧।୧୯୬୭ ଠାରୁ ମହଙ୍ଗାଭତ୍ତାର ହାର ବୃଦ୍ଧି କରାଯାଇଥିଲା । ଯଦିଓ ଆମ ମହଙ୍ଗାଭତ୍ତାର ହାର କେନ୍ଦ୍ରସରକାରଙ୍କ ହାର ଅପେକ୍ଷା କିଛି କମ୍, ତଥାପି ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟ (ସ୍ତର) ପାଇଁ ଗଜେନ୍ଦ୍ର ଗଡ଼କର କମିଶନ ଯେଉଁ ପ୍ରଶମନ ହାର (ନିଉଟ୍ରାଲାଇଜେସନ) ସୁପାରିଶ କରିଥିଲେ, ଆମ ପ୍ରଶମନର ଶତକଡ଼ା ହାର ତାହା ସହିତ ସମାନ କିମ୍ବା ତାହା ଅପେକ୍ଷା ଅଧିକ । ମୂଲ୍ୟସୂଚୀ ପୁନର୍ବାର ବୃଦ୍ଧି ପାଇବାରୁ ଭାରତ ସରକାର ପୁଣି କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କ ମହଙ୍ଗାଭତ୍ତାର ହାର ତା ୧।୧୧।୧୯୬୭ଠାରୁ ବୃଦ୍ଧି କରିଛନ୍ତି । ରାଜ୍ୟ ସରକାରଙ୍କ ଦ୍ୱାରା ମହଙ୍ଗାଭତ୍ତାର ହାର ଆହୁରି ବଢ଼ାଇବା ପ୍ରଶ୍ନ ବର୍ତ୍ତମାନ ଆମର ସକ୍ରିୟ ବିଚାରାଧୀନ ଅଛି । କେନ୍ଦ୍ର ସରକାରଙ୍କ ସହିତ ସମାନ ହାରରେ ମହଙ୍ଗାଭତ୍ତା ଦେବା ଫଳରେ ଯେଉଁସବୁ ଅସୁବିଧା ଦେଖାଦେଇଛି, ରାଜ୍ୟର ସୀମିତ ସମ୍ବଳ ସେଥିମଧ୍ୟରେ ଅନ୍ୟତମ । ଚତୁର୍ଥ ଅର୍ଥ କମିଶନଙ୍କ ନିଷ୍ପତ୍ତି (ଆୱାର୍ଡ଼) ପରେ ଯେଉଁ ମହଙ୍ଗାଭତ୍ତା ବୃଦ୍ଧି କରାଯାଇଛି, ସେଥିଯୋଗୁ ଏକା ଅଣ-ଯୋଜନା କ୍ଷେତ୍ରରେ ବର୍ଷକୁ ପ୍ରାୟ ୧୦ କୋଟି ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡ଼ୁଛି । ଏହା ସୁସ୍ପଷ୍ଟ ଯେ ଏହି ବୋଝ ରାଜ୍ୟର ଉନ୍ନୟନ କାର୍ଯ୍ୟକ୍ରମ ନିମନ୍ତେ ମିଳୁଥିବା ସମ୍ବଳ ଉପରେ ପ୍ରତିକୂଳ ପ୍ରଭାବ ପକାଇଛି । କେନ୍ଦ୍ର ସରକାରଙ୍କ ନୀତି ଯୋଗୁଁ ପ୍ରତ୍ୟକ୍ଷଭାବେ ଏହି ଅତିରିକ୍ତ ବୋଝର ଉଦ୍ଭବ ହୋଇଥିବାରୁ କେନ୍ଦ୍ର ସରକାର ପୂର୍ଣ୍ଣ ବା ଆଂଶିକ ଭାବରେ ତାହା ବହନ କରିବା ପାଇଁ, ଏହି ରାଜ୍ୟ ସରକାରଙ୍କ ସମେତ ଅନ୍ୟାନ୍ୟ ଅନେକ ରାଜ୍ୟ ସରକାର ଭାରତ ସରକାରଙ୍କୁ ବାରମ୍ବାର ଅନୁରୋଧ କରି ଆସୁଛନ୍ତି । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ କେନ୍ଦ୍ର ସରକାର ଏ ବିଷୟରେ କୌଣସି ଦାୟିତ୍ୱ ନେବାକୁ ମନା କରିଦେଇଛନ୍ତି ।

### ୧୯୬୬-୬୭ ହିସାବ

୧୯୬୬ ଅପ୍ରେଲ ପହିଲାରେ ୬.୦୭ କୋଟି ଟଙ୍କା ନିଅଣ୍ଟ ବର୍ଷାପାଇଁ ହିସାବ ଆରମ୍ଭ କରାଯାଇଥିଲା ଓ ୧୯୬୬-୬୭ ଆର୍ଥିକ ବର୍ଷ ଶେଷ ବେଳକୁ ହିସାବରେ ୬.୫୧ କୋଟି ଟଙ୍କା ନିଅଣ୍ଟ ରହିଥିଲା । ଚୂଡ଼ାନ୍ତ ହିସାବ ଅନୁଯାୟୀ ରାଜସ୍ୱ ବାବଦରେ ୧୦୬.୮୦ କୋଟି ଟଙ୍କା ମିଳିଥିଲା ଓ ଏହି ରାଜସ୍ୱରୁ ୧୦୪.୪୧ କୋଟି ଟଙ୍କା ବ୍ୟୟ କରାଯାଇଥିଲା । ମୂଳଧନ ହିସାବ (କ୍ୟାପିଟେଲ ଏକାଉଣ୍ଟ)ରେ କଣ୍ଟିଜେନ୍ସି ପାଣ୍ଠିକୁ ସ୍ଥାନାନ୍ତରିତ ହୋଇଥିବା ୪ କୋଟି ଟଙ୍କାକୁ ବାଦ୍ ଦେଇ ୩୦.୩୪ କୋଟି ଟଙ୍କା ନିଅଣ୍ଟ ପଡ଼ିଥିଲା । ସରକାରୀ ଋଣ ବାବଦ ନେଟ୍ କାରବାର ୩୮.୭୨ କୋଟି ଟଙ୍କା ହୋଇଥିଲା । 'ଋଣ ଓ ଅଗ୍ରୀମ' ବାବଦରେ ୧୧.୭୭ କୋଟି ଟଙ୍କା ନିଅଣ୍ଟ ହୋଇଥିଲା । ସରକାରୀ ହିସାବରେ ନିଟ୍ ଦେଣ ନେଣ ଫଳରେ ବ୍ୟୟ ଅପେକ୍ଷା ଆୟ ୧.୦୮ କୋଟି ଟଙ୍କା ଅଧିକ ହୋଇଥିଲା । ଏଭଳି ଭାବରେ ବର୍ଷ ଶେଷକୁ ମୋଟ ନିଅଣ୍ଟର ପରିମାଣ ୬.୫୧ କୋଟି ଟଙ୍କା ହୋଇଥିଲା ।

### ପନ୍ଥା ଓ ସମ୍ବଳ ( ୱେଜ୍ ଆଣ୍ଡ ମିନସ୍ )

ଗତ ବଜେଟ୍ ଉପସ୍ଥାପନ କରିବା ସମୟରେ ମୁଁ ଆପଣଙ୍କୁ ଜଣାଇ ଦେଇଥିଲି ଯେ ରାଜ୍ୟ ସରକାରମାନେ ଜମା ଟଙ୍କାଠାରୁ ଅଧିକ ଟଙ୍କା ଉଠାଇ ନେବାକୁ ବରଦାସ୍ତ ନ କରିବାପାଇଁ ଭାରତର ରିଜର୍ଭ ବ୍ୟାଙ୍କ ଓ ଭାରତ ସରକାର ଦୃଢ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ୧୯୬୭ ମାର୍ଚ୍ଚ ୩୧ ତାରିଖରେ ଭାରତ ସରକାର ୯.୫୫ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ପନ୍ଥା ଓ ସମ୍ବଳ ଅଗ୍ରୀମ (ୱେଜ୍ ଆଣ୍ଡ ମିନ୍ସ ଆଡ୍ଭାନ୍ସ) ମଞ୍ଜୁର କରିଥିଲେ । ଏହା ସତ୍ତ୍ୱେ ବର୍ଷ ଶେଷରେ ୬.୫୧ କୋଟି ଟଙ୍କା ନିଅଣ୍ଟ ପଡ଼ିଗଲା । ଅଧିକା ପନ୍ଥା ଓ ସମ୍ବଳ ବାବଦ ଅଗ୍ରୀମ ଆକାରରେ ଏହି ପରିମାଣର ଟଙ୍କା ମଞ୍ଜୁର କରିବାପାଇଁ ଆମ୍ଭେମାନେ ଭାରତ ସରକାରଙ୍କ ଉପରେ ଚାପ ପକାଇ ଆସୁଛୁ । କିନ୍ତୁ କେନ୍ଦ୍ର ସରକାର ଅଦ୍ୟାବଧି ୪.୬୫ କୋଟି ଟଙ୍କା ମାତ୍ର ଅଗ୍ରୀମ ଦିଆଯିବାପାଇଁ ମଞ୍ଜୁର କରିଛନ୍ତି । ଅବଶିଷ୍ଟ ୧.୮୬ କୋଟି ଟଙ୍କା ମଞ୍ଜୁର କରିବାପାଇଁ ଆମେ ଏବେ ବି କେନ୍ଦ୍ର ସରକାରଙ୍କ ଉପରେ ଚାପ ଦେଉଛୁ । ଚଳିତ ବର୍ଷର ଯୋଜନାକୁ ଅର୍ଥ ଯୋଗାଇବାପାଇଁ ସମ୍ବଳ ଅଣ୍ଟୁ ନ ଥିବାରୁ ୧୯୬୭-୬୮ ମସିହାରେ ଏହି ଅଗ୍ରୀମ ଋଣର ଆଂଶିକ ପରିଶୋଧ ଉପରେ ମଧ୍ୟ ଜୋର ନ ଦେବାପାଇଁ ଆମେ ଭାରତ ସରକାରଙ୍କୁ ଅନୁରୋଧ କରିଛୁ । ଭାରତ ସରକାର ଆମର ଏହି ଅନୁରୋଧ ରକ୍ଷା କରିବାର ସମ୍ଭାବନା ରହିଛି । ସ୍ୱତନ୍ତ୍ର ପନ୍ଥା ଓ ସମ୍ବଳ ଅଗ୍ରୀମ ବାବଦ ବକେୟା ଟଙ୍କାର ଏକ ତୃତୀୟାଂଶ ୧୯୬୮-୬୯ ମଧ୍ୟରେ ଭାରତ ସରକାରଙ୍କୁ ପରିଶୋଧ କରିବାପାଇଁ ଆମ୍ଭେମାନେ ପ୍ରସ୍ତାବ ରଖିଛୁ ଓ ସେଥିପାଇଁ ବଜେଟ୍ ଅଟକଳରେ ଆବଶ୍ୟକୀୟ ଅର୍ଥ ବ୍ୟବସ୍ଥା କରାଯାଇଛି ।

### ୧୯୬୭-୬୮ ମସିହାର ସଂଶୋଧିତ ଅଟକଳ

ଗତ ଜୁଲାଇ ମାସରେ ଓଡ଼ିଶା ବିଧାନ ସଭାରେ ଗୃହୀତ ବଜେଟ୍ ଅଟକଳ ଅନୁଯାୟୀ ୩୭ ଲକ୍ଷ ଟଙ୍କା ବଳକା ହେବାର କଥା । ଯୋଜନା ପାଇଁ କେନ୍ଦ୍ର ସରକାରଙ୍କଠାରୁ ୩୫ କୋଟି ଟଙ୍କା ମିଳିବ ବୋଲି ଧରି ନିଆଯାଇ ଏହି ହିସାବ କରାଯାଇଥିଲା । ମାତ୍ର ପ୍ରକୃତରେ ଆମେ ମୋଟେ ୨୬ କୋଟି ଟଙ୍କା ପାଉଛୁ; ତେଣୁ ଏ ବାବଦରେ ୯ କୋଟି ଟଙ୍କା ନିଅଣ୍ଟ ପଡ଼ୁଛି । ବଜେଟ୍ ପ୍ରସ୍ତୁତ କରାଗଲାବେଳେ ସମ୍ବଳ ସଂଗ୍ରହପାଇଁ ଯେଉଁ ସବୁ କଳ୍ପନା କରାଯାଇଥିଲା, ସେ ସବୁ କାର୍ଯ୍ୟକାରୀ କରାଯାଇ ପାରିଲା ନାହିଁ । ପକ୍ଷାନ୍ତରେ ପୂର୍ବବର୍ତ୍ତୀ ବର୍ଷର ନିଅଣ୍ଟ ପୂରଣ କରିବାପାଇଁ ସ୍ୱତନ୍ତ୍ର ପନ୍ଥା ଓ ସମ୍ବଳ ଅଗ୍ରୀମ ବାବଦ ଅର୍ଥ ସୁଝିଦେବା ନିମନ୍ତେ ଜିଦ୍ ନ ଧରିବାପାଇଁ ଆମେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରୁଛୁ । ସଂଶୋଧିତ ଅଟକଳରେ ଆମ୍ଭେମାନେ ଏଭଳି ପରିଶୋଧ କରାଯିବ ବୋଲି ଧରି ନେଇନାହୁଁ । ଆଉମଧ୍ୟ ବାକି ପଡ଼ିଥିବା ଋଣ ଆଦାୟ କରିବାପାଇଁ ଏବଂ ରେମିଟାନ୍ସ, ସସ୍ପେନ୍ସ ଓ ଡି—ଡିପୋଜିଟ୍ ବାବଦରେ ବାକି ପଡ଼ିଥିବା ଅଗ୍ରୀମର ପରିମାଣ କମାଇବାପାଇଁ କାର୍ଯ୍ୟାନୁଷ୍ଠାନ କରାଯାଇଛି । ଉପରୋକ୍ତ ବ୍ୟବସ୍ଥା ଗ୍ରହଣ କରାଯିବା ଦ୍ୱାରା ଆଶା କରାଯାଉଛି ଯେ ୧୯୬୭-୬୮ ମସିହା ଶେଷରେ ପ୍ରାୟ ୩୮ ଲକ୍ଷ ଟଙ୍କା ନିଅଣ୍ଟ ରହିବ ।

## ୧୯୬୮-୬୯ ମସିହାର ବଜେଟ୍ ଅଟକଳ

ମୁଁ ବର୍ତ୍ତମାନ ଆସନ୍ତା ବର୍ଷପାଇଁ ବଜେଟ୍ ଅଟକଳର ଏକ ମୋଟାମୋଟି ଚିତ୍ର ଉପସ୍ଥାପିତ କରୁଛି । ଉପରେ ବୁଝାଇ ଦିଆଯାଇଥିବା ମତେ ଚଳିତ ବର୍ଷ ଶେଷରେ ୩ ଲକ୍ଷ ଟଙ୍କା ନିଅଣ୍ଟ ପଡ଼ିବ ବୋଲି ଆଶା କରାଯାଉଛି । ଆସନ୍ତା ବର୍ଷ ମୋଟ ରାଜସ୍ୱ ବାବଦ ଆୟ ୧୨୩.୦୮ କୋଟି ଓ ମୋଟ ବ୍ୟୟ ୧୨୨.୧୯ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ତେଣୁ ରାଜସ୍ୱ ବାବଦରେ ମାତ୍ର ୦.୮୯ କୋଟି ଟଙ୍କା ବଳକା ହେବ । ସରକାରୀ ହିସାବ (ପବ୍ଲିକ୍ ଏକାଉଣ୍ଟ) ସମେତ ମୂଳଧନ ବାବଦରେ ଆୟ ଓ ବ୍ୟୟ ଯଥାକ୍ରମେ ୨୧୭.୧୨ କୋଟି ଟଙ୍କା ଓ ୨୧୭.୫୧ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ଫଳରେ ୦.୩୯ କୋଟି ଟଙ୍କା ନିଅଣ୍ଟ ପଡ଼ିବ । ତେଣୁ ଆସନ୍ତା ବର୍ଷ ଆର୍ଥିକ କାରବାରରେ ସର୍ବମୋଟ ୦.୫୦ କୋଟି ଟଙ୍କା ପର୍ଯ୍ୟନ୍ତ ବଳକା ରହିବ । ତେଣୁ ଚଳିତ ବର୍ଷର ୦.୩୮ କୋଟି ଟଙ୍କା ନିଅଣ୍ଟ ପୂରଣ ହୋଇଯାଇ ୧୯୬୮-୬୯ ଆର୍ଥିକ ବର୍ଷ ଶେଷରେ ମୋଟରେ ୦.୧୨ କୋଟି ଟଙ୍କା ବଳକା ହେବ ।

ବାର୍ଷିକ ଯୋଜନାରେ ଥିବା ପରିକଳ୍ପନାଗୁଡ଼ିକ ପାଇଁ ୩୦.୦୭ କୋଟି ଟଙ୍କାର ବ୍ୟବସ୍ଥା ଉପରୋକ୍ତ ଅଟକଳର ଅନ୍ତର୍ଭୁକ୍ତ କରାଯାଇଛି । ଏଥିରୁ ୨୭.୫୯ କୋଟି ଟଙ୍କା ରାଜ୍ୟ ଉଦ୍ୟୋଗରେ ଓ ୨.୪୮ କୋଟି ଟଙ୍କା କେନ୍ଦ୍ର ଉଦ୍ୟୋଗରେ ଖର୍ଚ୍ଚ ହେବ । ଆମେ ଆସନ୍ତା ବର୍ଷ ୪.୫ କୋଟି ଟଙ୍କା ଋଣ ଉଠାଇବାପାଇଁ ପ୍ରସ୍ତାବ କରୁଛୁ । ୧୯୬୮ ମସିହା ଓଡ଼ିଶା ଋଣର ପରିଶୋଧ ସମୟ ଆସନ୍ତା ଆର୍ଥିକ ବର୍ଷ ମଧ୍ୟରେ ପଡ଼ିବ । ତେଣୁ ଏ ବାବଦରେ ୩.୦୫ କୋଟି ଟଙ୍କା ସୁଝିବାକୁ ହେବ । ଏ ସବୁ କାରବାରର ଫଳରେ ରାଜ୍ୟର ସମ୍ବଳରୁ ନିଟ୍ ୧.୦୫ କୋଟି ଟଙ୍କା ମିଳିବ । ଆମେ ବଜାରରୁ ଅଧିକ ପରିମାଣ ଋଣ ଉଠାଇବାପାଇଁ ବୁଝିଥିଲୁ । ମାତ୍ର ଏହି ଋଣ ପରିମାଣ ୪.୫ କୋଟି ଟଙ୍କା ଭିତରେ ସୀମାବଦ୍ଧ କରିବାପାଇଁ କେନ୍ଦ୍ର ସରକାର ଓ ରିଜର୍ଭ ବ୍ୟାଙ୍କ ଆମକୁ ପରାମର୍ଶ ଦେଲେ ଏବଂ ଆମେ ବଜେଟ୍ ଅଟକଳରେ ଏତିକି ପରିମାଣ ଋଣ ଅନ୍ତର୍ଭୁକ୍ତ କରିଛୁ । ପରିଶିଷ୍ଟ 'ଙ' ରେ ରାଜ୍ୟର ଋଣ ପରିସ୍ଥିତି ସଂପର୍କୀୟ ଏକ ବିବରଣୀ ଦିଆଯାଇଛି । ରାଜ୍ୟର ନିଟ୍ ଦେଣନେଣ ସମ୍ବଳିତ ବଜେଟ୍ ପୁସ୍ତକ ମାନ୍ୟବର ସଭ୍ୟମାନଙ୍କୁ ସ୍ୱତନ୍ତ୍ରଭାବରେ ଦିଆଯାଇଛି ।

## ଚତୁର୍ଥ ପଞ୍ଚବାର୍ଷିକ ଯୋଜନା

୧୯୬୬-୬୭ ଠାରୁ ୧୯୭୦-୭୧ ପର୍ଯ୍ୟନ୍ତ ସମୟ ପାଇଁ ରାଜ୍ୟର ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ସଂପର୍କରେ ୧୯୬୫ ନଭେମ୍ବର ମାସରେ ଯୋଜନା କମିଶନଙ୍କ ସହିତ ଆଲୋଚନା ହୋଇଥିଲା । ସେତେବେଳେ ସମସ୍ତେ ରାଜି ହୋଇଥିଲେ ଯେ ରାଜ୍ୟ ସରକାରଙ୍କର ୩୦୦ କୋଟି ଟଙ୍କାର ଗୋଟିଏ ଯୋଜନା ହେବା ଉଚିତ । ଏଥିମଧ୍ୟରୁ କେନ୍ଦ୍ର ସରକାର ସାହାଯ୍ୟ ହିସାବରେ ଦେବେ ୧୫୦ କୋଟି ଟଙ୍କା ଏବଂ ରାଜ୍ୟ ସରକାର ନିଜ ସମ୍ବଳରୁ ଯୋଗାଡ଼ କରିବେ ୧୫୦ କୋଟି ଟଙ୍କା । ୧୯୬୭ ଡିସେମ୍ବର ୧ ତାରିଖରେ ଅନୁଷ୍ଠିତ ହୋଇଥିବା ଜାତୀୟ ଉନ୍ନୟନ ପରିଷଦର ବୈଠକରେ ପ୍ରଧାନମନ୍ତ୍ରୀ ଓ ଯୋଜନା କମିଶନର ଉପାଧ୍ୟକ୍ଷ ଘୋଷଣା କରିଥିଲେ ଯେ ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ମିଆଦ ୧୯୬୯ ଅପ୍ରେଲ ୧ ତାରିଖଠାରୁ ୧୯୭୪ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିଥିବ ରହିବ । ତେଣୁ ଏହା ମଧ୍ୟରେ ୧୯୬୬-୬୭ ଠାରୁ ୧୯୬୮-୬୯ ପର୍ଯ୍ୟନ୍ତ ଯେଉଁ ତିନିବର୍ଷ ରହିଲା, ତାହାକୁ କେବଳ ବାର୍ଷିକ ଯୋଜନାକାଳ ରୂପେ ଗଣନା କରାଯିବ । ୧୯୬୫ ମସିହାଠାରୁ ବାହ୍ୟ ଶତ୍ରୁ ଆକ୍ରମଣ ଏବଂ କୃଷି ଓ ଶିଳ୍ପ ଉତ୍ପାଦନରେ ଶୋଚନୀୟ ପରିସ୍ଥିତି ଯୋଗୁଁ ଭାରତର ଅର୍ଥନୀତିରେ ଅସୁବିଧା ଉପୁଜିବା ଯୋଗୁଁ ଉକ୍ତ ସିଦ୍ଧାନ୍ତ ଗ୍ରହଣ କରାଯାଇ ପାରିଛି । ୧୯୬୮-୬୯ ମସିହାଟି ମଧ୍ୟ କଠିନ ଦୁଃସମୟ ମଧ୍ୟରେ ଅତିବାହିତ ହେବାର ସମ୍ଭାବନା । କେନ୍ଦ୍ରୀୟ ଯୋଜନା କମିଶନଙ୍କ ଇଚ୍ଛା ଏହି ଯେ ୧୯୬୮-୬୯ ମସିହାକୁ ମୁଖ୍ୟତଃ ଏକ ମଧ୍ୟାନ୍ତର ବର୍ଷରୂପେ ଉପଯୋଗ କରାଯାଇପାରେ ଯେପରିକି ଗତବର୍ଷର ଫସଲ ଭଲ ହୋଇଥିବାଜନିତ ସୁଫଳ ଏହି ସମୟ ମଧ୍ୟରେ ସୁଦୃଢ଼ୀକୃତ କରାଯାଇ ପାରିବ । ତାହାଛଡ଼ା ଏହି ସମୟ ଭିତରେ ମଧ୍ୟ ଅର୍ଥନୀତିକୁ ଦୃଢ଼ୀଭୂତ କରିବାକୁ ହେବ ଏବଂ ପ୍ରସ୍ତାବିତ ହୋଇଥିବା ସଂଶୋଧିତ ଚତୁର୍ଥ ପଞ୍ଚବାର୍ଷିକ

ଯୋଜନାକାଳରେ କ୍ଷିପ୍ର ବିକାଶର ଧାରାକୁ ପୁଣି ସୃଷ୍ଟି କରିବାପାଇଁ କାର୍ଯ୍ୟକ୍ରମ କରିବାକୁ ହେବ । ତେଣୁ ତୃତୀୟ ପ୍ରସ୍ତାବିତ ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ପ୍ରସ୍ତୁତିପାଇଁ ସାଦଭାମ ହାତକୁ ନେବାକୁ ହେବ । ଉକ୍ତ ଯୋଜନା ପ୍ରସ୍ତୁତ କରିବା ସକାଶେ ଯୋଜନାର ଆକାର ଓ ଅନ୍ୟାନ୍ୟ ନିର୍ଦ୍ଦେଶ ସମ୍ପର୍କରେ ଯୋଜନା କମିଶନଙ୍କଠାରୁ ଏପର୍ଯ୍ୟନ୍ତ କୌଣସି ସୂଚନା ମିଳିନାହିଁ । ରାଜ୍ୟର ବିକାଶପାଇଁ ମୁଖ୍ୟ ମୁଖ୍ୟ ଆବଶ୍ୟକତାଗୁଡ଼ିକ ଯେପରି ପ୍ରସ୍ତାବିତ ଯୋଜନାର ଅଙ୍ଗୀଭୂତ ହୁଏ ଏବଂ ଅର୍ଥାଭାବ କାରଣରୁ ବିକାଶ କାର୍ଯ୍ୟକ୍ରମଗୁଡ଼ିକ ଯେପରି ବ୍ୟାହତ ନ ହୁଏ ସେ ଦିଗରେ ରାଜ୍ୟ ସରକାର ଉଦ୍ୟମ କରିବେ ।

### ୧୯୬୭-୬୮ର ବାର୍ଷିକ ଯୋଜନା

୪୬.୯୨ କୋଟି ଟଙ୍କାର ଗୋଟିଏ ବାର୍ଷିକ ଯୋଜନା ପ୍ରଣୀତ ହୋଇଥିଲା ଏବଂ ତାହା ଚଳିତ ବର୍ଷ କାର୍ଯ୍ୟକାରୀ ହେଉଛି । ଏଭଳି ଗୋଟିଏ ଯୋଜନାରେ ଖର୍ଚ୍ଚ କରିବାପାଇଁ ମିଳୁଥିବା ସମ୍ବଳ ନିଅଣ୍ଟ ପଡ଼ୁଥିଲା। ଯେତିକି ସମ୍ବଳ ମିଳୁଛି, ତାକୁ ଦୃଷ୍ଟିରେ ରଖି ବାର୍ଷିକ ଯୋଜନାର ଖର୍ଚ୍ଚ କମାଇଦେବା ସକାଶେ ଯୋଜନା କମିଶନ ଆମମାନଙ୍କୁ କରିବାକୁ ପରାମର୍ଶ ଦେଇ ଆସୁଛନ୍ତି । କେଉଁ କେଉଁ କ୍ଷେତ୍ରରେ ଖର୍ଚ୍ଚ କମାଇ ହେବ ତାହା ସ୍ଥିର କରିବା ସକାଶେ ଆମେ ଏକାଧିକବାର ବାର୍ଷିକ ଯୋଜନାର ବିଭିନ୍ନ ଅଂଶକୁ ତନ୍ନ ତନ୍ନ କରି ପରୀକ୍ଷା କରି ଦେଖିଛୁ । ଦେଖାଯାଇଛି ଯେ ବାର୍ଷିକ ଯୋଜନାର ବିଭିନ୍ନ କ୍ଷେତ୍ରରେ କେବଳ ନ୍ୟୁନତମ ଆବଶ୍ୟକତା ପୂରଣ ପାଇଁ ବ୍ୟବସ୍ଥା ରଖାଯାଇଥିବାରୁ ଯୋଜନାର କୌଣସି କ୍ଷେତ୍ରରେ ଅର୍ଥକୃଚ୍ଛ୍ରତା ସ୍ତରରେ କାଟଛାଣ୍ଟ କରିବା ସମ୍ଭବ ନୁହେଁ । ଅଳ୍ପ କେତେକ କ୍ଷେତ୍ରରେ କେବଳ ନାମକୁ ମାତ୍ର ଟଙ୍କା ବଳିବା ରହିବାର ସମ୍ଭାବନା । ତେଣୁ ବାର୍ଷିକ ଯୋଜନାର ମୋଟ ଖର୍ଚ୍ଚ ୪୫.୦୭ କୋଟି ଟଙ୍କା ହେବାର ଅନୁମାନ ।

ବାର୍ଷିକ ଯୋଜନାରେ ବାଲିମେଳା ବନ୍ଧ ଯୋଜନା ଓ ଏକ୍ସପ୍ରେସ୍‌ୱେ ପାଇଁ ବ୍ୟବସ୍ଥା କରାଯାଇଥିବା ଟଙ୍କା ଆଦୌ ପର୍ଯ୍ୟାପ୍ତ ନଥିଲା । ଏ ସବୁ ଯୋଜନା ପାଇଁ ଅତିରିକ୍ତ ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ଦେବା ନିମନ୍ତେ ଆମେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛୁ ।

### ଅତିରିକ୍ତ ସମ୍ବଳ ସଂଗ୍ରହ

ରାଜ୍ୟର ରାଜସ୍ୱ ସମ୍ବଳର ଅବସ୍ଥା ଏପରି ଯେ ଏସବୁ ବାବଦରେ ଖର୍ଚ୍ଚ ତୁଲାଇବା ପରେ ଉନ୍ନୟନ ପରିକଳ୍ପନାମାନଙ୍କରେ ଖର୍ଚ୍ଚ କରିବାପାଇଁ ହାତରେ ସାଧାରଣତଃ ଅଳ୍ପ କିଛି ବଳକା ରହୁଥାଏ । ତେଣୁ ଉନ୍ନୟନ ବାବଦ ଖର୍ଚ୍ଚର ପରିମାଣ ବୃଦ୍ଧି କରିବାପାଇଁ ଅତିରିକ୍ତ ସମ୍ବଳ ଯୋଗାଡ଼ କରିବାକୁ ସରକାରଙ୍କ ଚିନ୍ତା ହୋଇ ଆସୁଛି । ୧୯୬୮-୬୯ ପାଇଁ ସ୍ଥିର ହୋଇଛି ଯେ ନିମ୍ନଲିଖିତ ଅତିରିକ୍ତ ସମ୍ବଳ ଉଠାଇବାକୁ ହେବ ଓ ଏହାକୁ ମଧ୍ୟ ବଜେଟ୍ ଅଟକଳର ଅନ୍ତର୍ଭୁକ୍ତ କରାଯାଇଛି :—

| | | |
|---|---|---|
| | | ( କୋଟି ଟଙ୍କା ହିସାବରେ ) |
| (୧) ସହର ଅଞ୍ଚଳ ଜମି ଉପରେ ଅତିରିକ୍ତ କର, ସରକାରୀ ଜମି ପଟ୍ଟା ଦେବାପାଇଁ ସଲାମୀ, ଗାଁ ଗହଳର ସ୍ଥାବର ସମ୍ପତ୍ତି ଉପରେ ଟିକସ ଓ ଅଣ-କୃଷି ଜମି ଟିକସ । | | ୦.୫୦ |
| (୨) ଅବକାରୀ ଶୁଳ୍କର ପୁନର୍ବିନ୍ୟାସ | .. | ୦.୪୫ |
| (୩) ବିକ୍ରୀ କର ହାରର ସଂଶୋଧନ | .. | ୦.୨୯ |
| (୪) ଯାତ୍ରୀ ଭଡ଼ା ଉପରେ କରଧାର୍ଯ୍ୟ | .. | ୦.୩୦ |
| (୫) ଭାରତ ସରକାରଙ୍କ ଅନୁମୋଦିତ ବର୍ଦ୍ଧିତ ହାର ଯୋଗୁଁ ଖଣିଜ ଦ୍ରବ୍ୟ ଉପରେ ରାଜ ଭାଗ ତୁଲିବା (ରୟାଲଟି) ଜନିତ ଅତିରିକ୍ତ ଆୟ । | | ୦.୨୦ |
| (୬) କେନ୍ଦ୍ର ପକ୍ଷରୁ ଅତିରିକ୍ତ ଆୟ (୫୦ ଲକ୍ଷ ଟଙ୍କା ମଧ୍ୟରୁ ୨୫ ଲକ୍ଷ ପଞ୍ଚାୟତ ଅନୁଷ୍ଠାନମାନଙ୍କୁ ଦିଆଯିବ) ନେଟ୍ | | ୦.୨୫ |
| ମୋଟ | .. | ୧.୯୯ |